25th December 2022

ସକାଳ
THE SAKALA

Odisha CM Felicitates
Dr. Gayatribala Panda

Sakala

## ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ

# 'ଡକ୍ଟର ପଣ୍ଡାଙ୍କ କ୍ୟାରିୟରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଏକ ମାଇଲଖୁଣ୍ଟ'



ଭୁବନେଶ୍ୱର,୨୪।୧୨(ସମିସ): କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ୨୦୨୨ ପାଇଁ ମନୋନୀତ ହୋଇଥିବା ବିଶିଷ୍ଟ ସାହିତ୍ୟିକ ତଥା କବୟିତ୍ରୀ ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରେ ସମ୍ମାନିତ କରିଛନ୍ତି। କବିତା ସଂକଳନ 'ଦୟାନଦୀ' ପାଇଁ ଏହି ମର୍ଯ୍ୟାଦାଜନକ ପୁରସ୍କାର ଲାଗି ମନୋନୀତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଡକ୍ଟର ପଣ୍ଡାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଡକ୍ଟର ପଣ୍ଡାଙ୍କ କ୍ୟାରିୟର୍‌ରେ ଏହା ଏକ ମାଇଲଖୁଣ୍ଟ ଓ ରାଜ୍ୟ ପାଇଁ ଗୌରବ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଡକ୍ଟର ପଣ୍ଡା ତାଙ୍କ କବିତା ସଂକଳନ 'ଦୟାନଦୀ' ପ୍ରଦାନ କରିଥିଲେ। ଏଥିରେ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଓ ପୁତ୍ର ମନୀତ୍ ମଙ୍ଗରାଜ ଉପସ୍ଥିତ ଥିଲେ।